कृषि एवं किसान
कल्याण मंत्रालय
MINISTRY OF
**AGRICULTURE AND FARMERS WELFARE**

सत्यमेव जयते

ग्रामीण विकास मंत्रालय
भारत सरकार
**MINISTRY OF RURAL DEVELOPMENT**
GOVERNMENT OF INDIA

सत्यमेव जयते

# ପ୍ରାକୃତିକ କୃଷି ଉପରେ

## ବାରମ୍ବାର ପଚରାଯାଉଥିବା ପ୍ରଶ୍ନ



# ପ୍ରାକୃତିକ କୃଷିକୁ ହୃଦୟଙ୍ଗମ କରିବା

**୧. ପ୍ରାକୃତିକ କୃଷି କଣ, ଏବଂ ଏହା ଭାରତୀୟ କୃଷକଙ୍କ ମଧ୍ୟରେ ଲୋକପ୍ରିୟ ହେବାର କାରଣ କଣ ?**

ପ୍ରାକୃତିକ କୃଷି ଏକ ଚାଷ ପଦ୍ଧତି ଯାହା ବାହ୍ୟ ଉପାଦାନ ଉପରେ ଖୁବ୍ କମ୍ ନିର୍ଭର କରି ଥାଏ ଏବଂ ଚାଷରେ ନିରନ୍ତରତା କୁ ମହତ୍ତ୍ୱ ଦେଇଥାଏ। ଏହି ଚାଷରେ କମ୍ ଖର୍ଚ୍ଚ, ମାଟିର ସ୍ୱାସ୍ଥ୍ୟରେ ଉନ୍ନତି ଏବଂ ପରିବେଶ ଅନୁକୂଳ ଅଭ୍ୟାସ ସବୁ ଯୋଗୁ ଏହା ଭାରତରେ ଲୋକପ୍ରିୟ ହେବାରେ ଲାଗିଛି।

**୨. ଭାରତରେ କୃଷିରେ ନିରନ୍ତରତା ପାଇଁ ପ୍ରାକୃତିକ କୃଷିର ଅବଦାନ କଣ ?**

ପ୍ରାକୃତିକ କୃଷି ରାସାୟନିକ ଉପାଦାନ ବ୍ୟବହାର କମ୍, ଜଳ ସଂରକ୍ଷଣ ଏବଂ ମାଟିର ଉର୍ବରତା ବୃଦ୍ଧି ଭଳି ଉତ୍ସାହଜନକ ଅଭ୍ୟାସ ସବୁକୁ ପ୍ରଶ୍ରୟ ଦେଇଥାଏ, ଯାହା ଫଳରେ ଦୀର୍ଘ କାଳୀନ କୃଷି ସମ୍ଭବ ହୋଇଥାଏ।

**୩. ପ୍ରାକୃତିକ କୃଷି କ'ଣ ଜୈବିକ କୃଷି ସହ ସମାନ ?**

ପ୍ରାକୃତିକ କୃଷି ର ଜୈବିକ କୃଷି ସହ ଅଧିକାଂଶ ସମ୍ପର୍କ ରହିଛି, ମାତ୍ର ଏଥିରେ ଦେଶୀୟ ପଦ୍ଧତି ଏବଂ ଅଣୁଜୀବ ଉପାଦାନ ଉପରେ ଅଧିକ ଧ୍ୟାନ ଦିଆଯାଇ ଥାଏ। କିନ୍ତୁ ଜୈବିକ କୃଷି ରେ ନିର୍ଦ୍ଦିଷ୍ଟ ପ୍ରମାଣୀକରଣ ମାନ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥାଏ।

**୪. ପ୍ରାକୃତିକ କୃଷିର ମୁଖ୍ୟ ନିୟମ ସବୁ କ'ଣ ରହିଛି ?**

ପ୍ରମୁଖ ନିୟମଗୁଡ଼ିକ ହେଲା - ବାହ୍ୟ ଉପାଦାନ ବ୍ୟବହାର କମ୍ କରିବା, ଦେଶୀ ଅଣୁଜୀବ ଙ୍କ ଉପରେ ଅଧିକ ନିର୍ଭର କରିବା, ମାଟିର ସ୍ୱାସ୍ଥ୍ୟ ବଜାୟ ରଖିବା ଏବଂ ଜୈବ ବିବିଧତା ରେ ଉନ୍ନତି ଆଣିବା।

**୫. ଆପଣ 'ଶୂନ୍ୟ ନିବେଶ ପ୍ରାକୃତିକ କୃଷି' (ଜେଡ୍.ବି.ଏନ୍.ଏଫ୍) ବିଷୟରେ ବୁଝାଇ ଦେବେ କି ?**

- 'ଶୂନ୍ୟ ନିବେଶ ପ୍ରାକୃତିକ କୃଷି' ସର୍ବନିମ୍ନ ବାହ୍ୟ ଉପାଦାନ ବ୍ୟବହାରକୁ ପ୍ରଶ୍ରୟ ଦେଇଥାଏ ଏବଂ ବାହ୍ୟ ବଜେଟ ଉପରେ ନିର୍ଭରଶୀଳତାକୁ କମାଇ ଆଖପାଖ ରେ ମିଳୁଥିବା ସମ୍ବଳ ଉପରେ ନିର୍ଭର କରିବାକୁ ଉତ୍ସାହିତ କରିଥାଏ।

**୬. ପ୍ରାକୃତିକ କୃଷିରେ ଦେଶୀୟ ଅଣୁଜୀବଙ୍କ କାର୍ଯ୍ୟ କ'ଣ ?**

ଦେଶୀୟ ଅଣୁଜୀବ ଗୁଡ଼ିକ ଜୈବିକ ପଦାର୍ଥ କୁ ସଢ଼ାଇ ଖତରେ ପରିଣତ କରିବା, ମାଟିର ଉର୍ବରତା ବୃଦ୍ଧି କରିବା, ଏବଂ କ୍ଷତିକାରକ ଜୀବାଣୁ ମାନଙ୍କୁ ଦମନ କରିବା ଭଳି ଗୁରୁତ୍ୱପୂର୍ଣ୍ଣ କାମ କରିଥାନ୍ତି।

**୭. କୃଷି ପରିବେଶ ବ୍ୟବସ୍ଥାରେ ପ୍ରାକୃତିକ କୃଷି କିପରି ଜୈବ ବିବିଧତା ବୃଦ୍ଧି କରିଥାଏ ?**

ନପୃତିକ କୃଷି ଫସଲରେ ବିବିଧତା, ଅନ୍ତଃ ଫସଲ ଏବଂ ସ୍ଥାନୀୟ ଗଛଲତା ସଂରକ୍ଷଣକୁ ପ୍ରଶ୍ରୟ ଦେଇଥାଏ, ଫଳରେ ଏକ ସୁସ୍ଥ ପରିବେଶ ସୃଷ୍ଟି ହୋଇଥାଏ।

**୮. ଭାରତରେ ବିଭିନ୍ନ ସ୍ଥାନୀୟ ପ୍ରାକୃତିକ କୃଷି ଅଭ୍ୟାସ ଗୁଡିକରେ କିଛି ଫରକ୍ ଅଛି କି ?**

ହଁ, ସ୍ଥାନୀୟ ପାଣିପାଗ, ମାଟିର ଅବସ୍ଥା, ଏବଂ ଫସଲ ପସନ୍ଦ ଅନୁଯାୟୀ ପ୍ରାକୃତିକ କୃଷି ଅଭ୍ୟାସ ରେ ଫରକ୍ ଆସିଥାଏ।

**୯. ଭାରତରେ ପ୍ରାକୃତିକ କୃଷି ପଦ୍ଧତିରେ ସାଧାରଣତଃ କେଉଁ ଫସଲ ସବୁ ଚାଷ କରାଯାଇଥାଏ ?**

ସାଧାରଣ ଫସଲ ଭିତରେ ଧାନ, ଗହମ, ମିଲେଟ, ଡାଲି ଜାତୀୟ ଫସଲ, ଏବଂ ବିଭିନ୍ନ ଫଳ ଓ ପନିପରିବା ଅନ୍ତର୍ଭୁକ୍ତ ଅଟେ

**୧୦. ଭାରତରେ ଜଳ ସମ୍ପଦ ସଂରକ୍ଷଣ ରେ ପ୍ରାକୃତିକ କୃଷି କିପରି ସହାୟତା କରିଥାଏ ?**

ପ୍ରାକୃତିକ କୃଷି ମାଟିରୁ ଜଳ ବାଷ୍ପୀଭୂତ ହେବା କମ୍ କରିବା ଏବଂ ମାଟିର ଜଳ ଧାରଣ କ୍ଷମତା ବୃଦ୍ଧି କରିବା ପାଇଁ ଆଚ୍ଛାଦନ ଭଳି ଫଳପ୍ରଦ ଜଳ ବ୍ୟବହାର ପଦ୍ଧତିକୁ ପ୍ରଶ୍ରୟ ଦେଇଥାଏ ।

## ପ୍ରାକୃତିକ କୃଷିକୁ ପରିବର୍ତ୍ତନ

**୧୧. ମୁଁ ପ୍ରଚଳିତ କୃଷି ପଦ୍ଧତିରୁ ପ୍ରାକୃତିକ କୃଷିକୁ କିପରି ପରିବର୍ତ୍ତନ କରିବି ?**

ଧୀରେ ଧୀରେ ରାସାୟନିକ ବ୍ୟବହାର କମାଇବା ଆରମ୍ଭ କରନ୍ତୁ, ପ୍ରାକୃତିକ କୃଷି ତକନିକ୍ ବିଷୟରେ ଜ୍ଞାନ ଆହରଣ କରନ୍ତୁ, ଏବଂ ସ୍ଥାନୀୟ ବିଶେଷଜ୍ଞ କିମ୍ବା କୃଷି ସମ୍ପ୍ରସାରଣ ସେବାର ସହାୟତା ନିଅନ୍ତୁ ।

**୧୨. ପ୍ରାକୃତିକ କୃଷିକୁ ପରିବର୍ତ୍ତନ କରିବାକୁ ହେଲେ ମୋର ପ୍ରାଥମିକ ପଦକ୍ଷେପ ସବୁ କ'ଣ ରହିବ ?**

ନିଜ କ୍ଷେତର ମାଟିର ସ୍ୱାସ୍ଥ୍ୟ ଆକଳନ କରିବା, ସ୍ଥାନୀୟ ଚାଷ ଅଭ୍ୟାସ ସବୁକୁ ଭଲଭାବେ ଜାଣିବା ଏବଂ ରାସାୟନିକ ଉପାଦାନ ବ୍ୟବହାର କମାଇବା ପାଇଁ ଏକ ପରିବର୍ତ୍ତନ ଯୋଜନା କରିବାରୁ କାର୍ଯ୍ୟ ଆରମ୍ଭ କରିବା ।

**୧୩. ପ୍ରାକୃତିକ କୃଷିକୁ ପରିବର୍ତ୍ତନ ପାଇଁ କିଛି ଆର୍ଥିକ ଅନୁଦାନ କିମ୍ବା ରିହାତି ବ୍ୟବସ୍ଥା ରହିଛି କି ?**

ଭାରତର କେତେକ ରାଜ୍ୟ ପ୍ରାକୃତିକ କୃଷି ଉନ୍ନୟନ ନିମିତ୍ତ ଆର୍ଥିକ ସହାୟତା ଏବଂ ରିହାତି ଦେଉଛନ୍ତି । ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ପାଇଁ ନିକଟସ୍ଥ କୃଷି ବିଭାଗ ଅଧିକାରୀଙ୍କ ସହ ଯୋଗାଯୋଗ କରନ୍ତୁ ।

**୧୪. ମୁଁ ମୋ ଜମିର ଖୁବ୍ କମ୍ ଅଂଶରେ ପ୍ରାକୃତିକ କୃଷି ଆରମ୍ଭ କରି ପାରିବି କି, ନା ଏହା ବୃହତ୍ କୃଷି କ୍ଷେତ୍ର ପାଇଁ ଅଧିକ ଉପଯୋଗୀ ?**

ପ୍ରାକୃତିକ କୃଷି, କ୍ଷୁଦ୍ର ବା ବୃହତ ସମସ୍ତ କୃଷକଙ୍କ ଦ୍ୱାରା ଯେ କୌଣସି ପରିମାଣର ଜମିରେ ଆରମ୍ଭ କରାଯାଇ ପାରିବ ।

**୧୫. ପ୍ରାକୃତିକ କୃଷିକୁ ପରିବର୍ତ୍ତନ କରିବାକୁ ଯାଉଥିବାରୁ ମୋ ପାଖରେ ରହିଥିବା ରାସାୟନିକ ସାର ଓ କୀଟନାଶକ ଗୁଡ଼ିକ ମୁଁ କ'ଣ କରିବି ?**

ପ୍ରାକୃତିକ ବିକଳ୍ପ ସବୁକୁ ବ୍ୟବହାର କରିବା ସହ ମହଜୁଦ ଥିବା ସାର ଓ କୀଟନାଶକକୁ ସାବଧାନତାର ସହ ବ୍ୟବହାର କରନ୍ତୁ ତଥା ଧୀରେ ଧୀରେ କମାଇ ଚାଲନ୍ତୁ ଏବଂ ରାସାୟନିକ ସବୁକୁ ଶେଷ କରିବା ପାଇଁ ଥିବା ନୀତି ନିୟମ ବିଷୟରେ ନିକଟସ୍ଥ କୃଷି ବିଶେଷଜ୍ଞଙ୍କ ସହ ପରାମର୍ଶ କରନ୍ତୁ ।

## ମୃତ୍ତିକା ସ୍ୱାସ୍ଥ୍ୟ ଏବଂ ଖାଦ୍ୟସାର ପରିଚାଳନା:

**୧୬. କୃତ୍ରିମ ରାସାୟନିକ ସାର ବ୍ୟବହାର ନ କରି ପ୍ରାକୃତିକ କୃଷିରେ ମୁଁ ମାଟିର ସ୍ୱାସ୍ଥ୍ୟରେ କିପରି ଉନ୍ନତି ଆଣି ପାରିବି ?**

ପ୍ରାକୃତିକ ଉପାୟରେ ମାଟିର ଉର୍ବରତା ବଢ଼ାଇବା ପାଇଁ କଂପୋଷ୍ଟ, ଜିଆଖତ, ସବୁଜ ସାର ଖତ, ଏବଂ ଗୋବର, ଗୋ ମୂତ୍ର ଭଳି ଗୋ - ଆଧାରିତ ପଦାର୍ଥ ବ୍ୟବହାର କରନ୍ତୁ ।

**୧୭. ପ୍ରାକୃତିକ କୃଷିରେ କଂପୋଷ୍ଟର କାମ କ'ଣ, ଏବଂ ମୁଁ କିପରି କାମ୍ପୋଷ୍ଟ୍ ପ୍ରସ୍ତୁତ କରି ପାରିବି ?**

କଂପୋଷ୍ଟ୍ ମାଧ୍ୟମରେ ମାଟିକୁ ଅତି ଆବଶ୍ୟକୀୟ ଖାଦ୍ୟ ଉପାଦାନ ଏବଂ ସାହାଯ୍ୟ କାରୀ ଅଣୁଜୀବ ମିଳି ଥାଏ । ରୋଷେଇ ଘର ଆବର୍ଜନା, ଫସଲ ଅବଶେଷ, ଏବଂ ଗୋବରକୁ ସଢାଇ କଂପୋଷ୍ଟ୍ ପ୍ରସ୍ତୁତ କରନ୍ତୁ ।

**୧୮. ପ୍ରାକୃତିକ କୃଷି ପାଇଁ ଉପଯୋଗୀ ସେମିତି କିଛି ନିର୍ଦ୍ଦିଷ୍ଟ ପ୍ରକାର କମ୍ପୋଷ୍ଟ୍ ରହିଛି କି ?**

ପ୍ରାକୃତିକ କୃଷି ପାଇଁ ସ୍ଥାନୀୟ ଭାବେ ମିଳୁଥିବା ଜୈବିକ ପଦାର୍ଥରୁ ପ୍ରସ୍ତୁତ କମ୍ପୋଷ୍ଟ୍ ଉପଯୋଗୀ ଅଟେ । ଆପଣଙ୍କ ଅଞ୍ଚଳରୁ ମିଳୁଥିବା ସମ୍ବଳକୁ ନେଇ କମ୍ପୋଷ୍ଟ୍ ସବୁ ପ୍ରସ୍ତୁତ କରନ୍ତୁ ।

**୧୯. ପ୍ରାକୃତିକ କୃଷିରେ ପଶୁ ମଳ, ଯଥା- ଗୋବର ମିଶ୍ରଣରେ ପ୍ରସ୍ତୁତ ଖତ ବ୍ୟବହାର କରି ପାରିବି କି, ଏବଂ ଏହାକୁ କିପରି ପ୍ରୟୋଗ କରିବି ?**

ହଁ, ଗୋବର ଏକ ମୂଲ୍ୟବାନ ପ୍ରାକୃତିକ ସାର ଅଟେ । ଏହାକୁ ଜଳରେ ମିଶାଇ ପତଳା କରି ତରଳ ଖତ ଭାବେ ବ୍ୟବହୃତ ହୋଇ ପାରିବ କିମ୍ବା କମ୍ପୋଷ୍ଟ୍ ପ୍ରସ୍ତୁତିରେ ବ୍ୟବହାର କରିହେବ ।

**୨୦. ସବୁଜ ଖତ କ'ଣ, ଏବଂ ପ୍ରାକୃତିକ କୃଷିରେ ଏହା ମୋ କ୍ଷେତର ମାଟି ପାଇଁ କିପରି ଲାଭ ଦାୟକ ହେବ ?**

ମାଟିର ଉର୍ବରତା ବୃଦ୍ଧି ପାଇଁ ଡାଲି ଜାତୀୟ ଘୋଡ଼ଣି ଫସଲ ଚାଷକରି ହଳକରି ମାଟିରେ ମିଶାଇବା ଦ୍ୱାରା ଏହା ମାଟିରେ ଜୈବିକ ପଦାର୍ଥ ଯୋଗାଇଥାଏ ଏବଂ ଯବକ୍ଷାରଜାନ ବିବନ୍ଧନ ମଧ୍ୟ କରିଥାଏ । ଏହା ସବୁଜ ସାର ଅଟେ ।

*** ମୁଁ ପ୍ରାକୃତିକ କୃଷି ଅଭ୍ୟାସରେ ମୃତ୍ତିକା ସଂରକ୍ଷଣ କିପରି କରି ପାରିବି ?**

ଢାଲୁ ବନ୍ଧ, ଆଚ୍ଛାଦନ, ଏବଂ ବାୟୁ ପ୍ରବାହ ଅବରୋଧକ ବ୍ୟବହାର ଫଳରେ ପ୍ରାକୃତିକ କୃଷିରେ ମୃତ୍ତିକା ସଂରକ୍ଷଣ ପାଇଁ ସହାୟକ ହେବ ।

## ରୋଗପୋକ ପରିଚାଳନା

**୨୧. ରାସାୟନିକ ରୋଗ ପୋକ ନାଶକ ବ୍ୟବହାର ନ କରି ପ୍ରାକୃତିକ କୃଷି ରେ ମୁଁ କିପରି ରୋଗ ପୋକ ନିୟନ୍ତ୍ରଣ କରି ପାରିବି ?**

ରୋଗ ପୋକ ନିୟନ୍ତ୍ରଣ ପାଇଁ ଆମେ ପ୍ରାକୃତିକ ଖାଦକ, ଯନ୍ତା ଫସଲ, ନିମ ଜାତ ଉତ୍ପାଦ, ଏବଂ ସହଯୋଗୀ ଫସଲ ନେଇ ପାରିବା ।

**୨୨. ଭାରତୀୟ ସ୍ଥିତିରେ ରାସାୟନିକ ରୋଗ ପୋକ ନାଶକର କିଛି ପ୍ରାକୃତିକ ଫଳପ୍ରଦ ବିକଳ୍ପ ଅଛି କି ?**

ହଁ, ଭାରତରେ ନିମ ତେଲ, ରସୁଣ ଏବଂ ଲଙ୍କା ଘୋଲ ସି*ନ ଫଳପ୍ରଦ ଭାବରେ ରୋଗ ପୋକ ନିୟନ୍ତ୍ରଣ ରେ ସହାୟକ ହୋଇ ପାରିବ ।

**୨୩. ପ୍ରାକୃତିକ ରୋଗ ପୋକ ପରିଚାଳନାରେ ନିମ ଜାତ ପଦାର୍ଥ ସବୁର ଭୂମିକା କ'ଣ ?**

ନିମ ଜାତ ଉତ୍ପାଦ ଗୁଡ଼ିକ ଅଧିକାଂଶ ରୋଗ ଜୀବାଣୁ ତଥା କୀଟ ମାନଙ୍କ ଜୀବନ ଚକ୍ର ରେ ବାଧା ସୃଷ୍ଟି କରି ପ୍ରାକୃତିକ ରୋଗ ପୋକ ନିୟନ୍ତ୍ରକ ତଥା କବକ ନିୟନ୍ତ୍ରକ ଭାବେ କାର୍ଯ୍ୟ କରିଥାଏ ।

**୨୪. ମୁଁ କିପରି ପ୍ରାକୃତିକ ଉପାୟରେ ଫସଲର ରୋଗ ବିସ୍ତାରକୁ ପ୍ରତିରୋଧ କରି ପାରିବି ?**

ଏଥିପାଇଁ ଫସଲ ପର୍ଯ୍ୟାୟ ଅନୁସରଣ କରି, ଉଦ୍ଭିଦର ସ୍ୱାସ୍ଥ୍ୟ ଅକ୍ଷୁଣ୍ଣ ରଖି, ଏବଂ କ୍ଷେତରେ ସୀମାତିରିକ୍ତ ଗଛ ସଂଖ୍ୟା ନ ରଖିଲେ ପ୍ରାକୃତିକ ଭାବେ ରୋଗ ବିସ୍ତାର ପ୍ରତିରୋଧ ହୋଇଥାଏ ।

**୨୫. ପ୍ରାକୃତିକ କୃଷିରେ ରୋଗ ପୋକ ନିୟନ୍ତ୍ରଣ କୁ ସହାୟତା ଯୋଗାଇ ଦେବାକୁ କୌଣସି ସହଯୋଗୀ ଫସଲ ଲଗାଇବା ତକନିକ ଅଛି କି ?**

ହଁ ଅଛି । ସହଯୋଗୀ ଫସଲ ଲଗାଇବା ବ୍ୟବସ୍ଥାରେ ଆମେ ନିର୍ଦ୍ଦିଷ୍ଟ ଫସଲକୁ ଏକତ୍ର ଲଗାଇ କୀଟମାନଙ୍କୁ ଘଉଡାଇ ପାରିବା, ଅଥବା ଉପକାରୀ କୀଟମାନଙ୍କୁ ଆମନ୍ତ୍ରଣ କରି ପାରିବା, ଯାହା ଫଳରେ ରୋଗପୋକ ନିୟନ୍ତ୍ରଣ ହୋଇପାରିବ ।

# ଫସଲ ଆବର୍ତ୍ତନ ଏବଂ ଅନ୍ତଃ ଫସଲ ଚାଷ ।

**୨୬. ଫସଲ ଆବର୍ତ୍ତନ କାହାକୁ କୁହାଯାଏ ଏବଂ ପ୍ରାକୃତିକ କୃଷି ପାଇଁ ଏହା ଜରୁରୀ କାହିଁକି ?**

ଫସଲ ଆବର୍ତ୍ତନ ପ୍ରତି ଋତୁ ରେ ବିଭିନ୍ନ ଫସଲ ଚାଷ କୁ ବୁଝାଇଥାଏ, ଯାହାଦ୍ୱାରା ମାଟିର ସ୍ୱାସ୍ଥ୍ୟ ରେ ଉନ୍ନତି ହୋଇଥାଏ, ଫସଲରେ ରୋଗ ପୋକ ର ଚାପ କମିଥାଏ ଏବଂ ପୋଷକ ତତ୍ତ୍ୱ ଚକ୍ରଣ ବୃଦ୍ଧି ପାଇଥାଏ ।

**୨୭. ପ୍ରାକୃତିକ କୃଷିରେ ମୋ ଜମିରେ କେଉଁ ଫସଲ ର ଆବର୍ତ୍ତନ କରିବି, ସେ ବିଷୟରେ କିପରି ନିଷ୍ପତ୍ତି ନେବି ?**

ସେମାନଙ୍କ ପୋଷକ ତତ୍ତ୍ୱ ଆବଶ୍ୟକତା , ଫସଲର ଅଭିବୃଦ୍ଧି ହାର , ଏବଂ ସ୍ଥାନୀୟ ଜଳବାୟୁ ତଥା ମାଟିର ଅବସ୍ଥା ସହ ଖାପ ଖାଉଥିବା ଫସଲ କୁ ଭିତ୍ତି କରି ଫସଲ ଚୟନ କରିବା ।

**୨୮. ଅନ୍ତଃ ଫସଲ ବିଷୟରେ କିଛି ଧାରଣା ଦେବେକି ଏବଂ ଏହା ପ୍ରାକୃତିକ କୃଷି ରେ କିପରି କାର୍ଯ୍ୟ କରିଥାଏ ?**

ଏକା କ୍ଷେତରେ ଦୁଇ କିମ୍ବା ଅଧିକ ଫସଲ କିସମ ଏକତ୍ର ଚାଷ କରିବା ପ୍ରକ୍ରିୟାକୁ ଅନ୍ତଃ ଫସଲ କୁହାଯାଏ । ଏହା ଜମିର ଉତ୍ତମ ବ୍ୟବହାର ସୁନିଶ୍ଚିତ କରିଥାଏ, ରୋଗ ପୋକ ଆକ୍ରମଣ କମାଇ ଥାଏ ଏବଂ ମାଟିର ସ୍ୱାସ୍ଥ୍ୟରେ ଉନ୍ନତି ଆଣିଥାଏ ।

**୨୯. ଭାରତର କୃଷକ ଙ୍କ ନିମିତ୍ତ ସୁଫଳ ଦେଉଥିବା ଅନ୍ତଃ ଫସଲ ଚାଷ ପାଇଁ କିଛି ନିର୍ଦ୍ଦିଷ୍ଟ ଫସଲ ସଂଯୋଗ ବ୍ୟବସ୍ଥା ଅଛି କି ?**

ଆଞ୍ଚଳିକ ଭିତ୍ତିରେ ଉପଯୁକ୍ତ ଫସଲ ସଂଯୋଗ ବ୍ୟବସ୍ଥା ଅଲଗା ଅଲଗା ହୋଇଥାଏ, ମାତ୍ର ସାଧାରଣ ଉଦାହରଣ ସ୍ୱରୂପ ଧାନ ଗହମ ଭଳି ଖାଦ୍ୟଶସ୍ୟ ଫସଲ ସହ ଡାଲି ଜାତୀୟ ଫସଲ ଟିଏ କିମ୍ବା ପନିପରିବା ଫସଲ ସହ ଋତକାଳୀନ ଔଷଧୀୟ/ ଫୁଲ ଗଛ ନେଇ ପାରିବା ।

**୩୦. ପ୍ରାକୃତିକ କୃଷି ରେ ଅନ୍ତଃ ଫସଲ ଚାଷ ମାଟିର ସ୍ୱାସ୍ଥ୍ୟ ରେ ଉନ୍ନତି ଆଣିବା ଏବଂ ଫସଲ ଅମଳ ବୃଦ୍ଧି ରେ କିପରି ସହାୟତା କରିଥାଏ ?**

ଅନ୍ତଃ ଫସଲ ଚାଷ ହେତୁ ଫସଲ ଚେର ବ୍ୟବସ୍ଥାରେ ବିବିଧତା ଆସିଥାଏ, ପୋଷକ ତତ୍ତ୍ୱ ଚକ୍ରଣରେ ଅଭିବୃଦ୍ଧି ହୋଇଥାଏ, ମୃତ୍ତିକା କ୍ଷୟ କମ୍ ହୋଇଥାଏ ଏବଂ ସର୍ବୋପରି ମାଟିର ସ୍ୱାସ୍ଥ୍ୟରେ ଉନ୍ନତି ଆସିଥାଏ ।

# ଘାସଲତା ପରିଚାଳନା ।

**୩୧. ପ୍ରାକୃତିକ କୃଷିରେ ଘାସଲତା ନିୟନ୍ତ୍ରଣ ପାଇଁ କି କି ଫଳପ୍ରଦ ଉପାୟ ସବୁ ରହିଛି ?**

ଘାସଲତା ପରିଚାଳନାରେ ଫଳପ୍ରଦ ଉପାୟ ହିସାବରେ ଆଚ୍ଛାଦନ, ହାତରେ ଘାସ ବାଛିବା, ଏବଂ ନିମଜାତ ପ୍ରାକୃତିକ ଘାସଲତା ନିୟନ୍ତ୍ରକ ବ୍ୟବହାର ଅନ୍ତର୍ଭୁକ୍ତ ଅଟେ ।

**୩୨. ଆଚ୍ଛାଦନ ଘାସଲତା ପରିଚାଳନାରେ ସହାୟକ ହେଇପାରିବ କି, ଏବଂ ଏହା କିପରି କରାଯିବ ?**

ହଁ; ନଡ଼ା, ପତ୍ର, କିମ୍ବା ଫସଲ ଅବଶେଷ ଦ୍ୱାରା ମାଟିକୁ ଘୋଡାଇ ରଖିବାକୁ ଆଚ୍ଛାଦନ କହନ୍ତି, ଯାହା ଘାସ ଲତା କୁ ଦବାଇ ରଖେ ଏବଂ ମାଟିର ଜଳୀୟ ଅଂଶ ସଂରକ୍ଷଣରେ ସାହାଯ୍ୟ କରିଥାଏ ।

**୩୩. ପ୍ରାକୃତିକ କୃଷିରେ ବ୍ୟବହାର କରିବା ପାଇଁ କିଛି ପ୍ରାକୃତିକ ଘାସଲତା ନିୟନ୍ତ୍ରକ ତଥା ଘାସକୁ ଦବାଇ ରଖିବା ପଦାର୍ଥ କିଛି ଅଛି କି ?**

ନିମଜାତ ଉତ୍ପାଦ, ଏବଂ ଭିନେଗାର ଦ୍ରବଣ ବ୍ୟବହାର ପରିବେଶର କୌଣସି କ୍ଷତି ନ କରି ପ୍ରାକୃତିକ ଭାବେ ଘାସଲତା ନିୟନ୍ତ୍ରଣ କାର୍ଯ୍ୟ କରିପାରିବ ।

# ଅମଳ ଏବଂ ଅମଳ ପରବର୍ତ୍ତୀ କାର୍ଯ୍ୟ

**୩୪. ପ୍ରାକୃତିକ କୃଷି ରେ ଫସଲର ଉପଯୁକ୍ତ ଅମଳ ସମୟ କିପରି ଜାଣି ହେବ ?**

ରଙ୍ଗ, ଆକାର ଏବଂ ଗଠନ ଭଳି ଫସଲ ପାକଳ ସୂଚକ ଗୁଡ଼ିକୁ ଯାଞ୍ଚ କରି ଆମେ ସର୍ବୋତ୍କୃଷ୍ଟ ଅମଳ ସମୟ ସ୍ଥିର କରି ପାରିବା ।

**୩୫. ପ୍ରାକୃତିକ କୃଷିରେ ଉତ୍ତମ ଗୁଣମାନର ଫସଲ ଅମଳ କରିବା ପାଇଁ ସର୍ବୋତ୍ତମ ଅଭ୍ୟାସ ସବୁ କଣ ?**

ଆମେ ଧାରୁଆ, ସଫା ହୋଇଥିବା ଯନ୍ତ୍ରପାତି ବ୍ୟବହାର କରି ଫସଲକୁ ଧିର ଭାବରେ ଧରି କାଟିବା ଏବଂ ଯେତେଦୂର ସମ୍ଭବ ପ୍ରତିକୂଳ ପାଗ ପରିସ୍ଥିତିରେ ଫସଲ ଅମଳ କରିବା ନାହିଁ ।

**୩୬. ଅମଳ ହୋଇଥିବା ଉତ୍ପାଦର ସାଇତି ରଖିବା ସମୟ ବୃଦ୍ଧି ପାଇଁ କିଛି ପ୍ରାକୃତିକ ଉପାୟ ଅଛି କି ?**

ଉପଯୁକ୍ତ ଭାବେ ସାଇତି ରଖିବା, ଥଣ୍ଡା ତାପମାତ୍ରା ଭଳି କୌଶଳ ଅବଲମ୍ବନ ତଥା ପ୍ରାକୃତିକ ସାଇତି ରଖିବା ଜିନିଷ ବ୍ୟବହାର କରି ଉତ୍ପାଦିତ ପଦାର୍ଥର ସାଇତି ରଖିବା ସମୟ ବୃଦ୍ଧି କରାଯାଇ ପାରିବ ।

**୩୭. ଜୈବିକ ଉତ୍ପାଦ କୁ ନଷ୍ଟ ନ ହେବା ଏବଂ କୀଟ ଆକ୍ରମଣରୁ ରକ୍ଷା କରିବା ପାଇଁ କି ପ୍ରକାର ସାଇତା ପ୍ରଣାଳୀ ଅବଲମ୍ବନ କରାଯାଏ ?**

ଉତ୍ପାଦ ସବୁକୁ ସଫା, ଉତ୍ତମ ବାୟୁ ଚଳାଚଳ କୋଠରୀ କିମ୍ବା ଆଧାରରେ ସାଇତି ରଖିବା ଏବଂ କୀଟମାନଙ୍କୁ ଦୂରେଇ ରଖିବା ପାଇଁ ନିମ ପତ୍ର ମିଶ୍ରଣ ଭଳି ପ୍ରାକୃତିକ ପଦ୍ଧତି କଥା ଚିନ୍ତା କରାଯାଇପାରେ ।

# ବିପଣନ ଏବଂ ଜୈବିକ ଉତ୍ପାଦ ବିକ୍ରୟ ବ୍ୟବସ୍ଥା ।

**୩୮. ଭାରତୀୟ ବଜାରରେ ଜୈବିକ ଉତ୍ପାଦର ଚାହିଦା ଅଛି କି ?**

ହଁ; ଉପଭୋକ୍ତାଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧିହେତୁ ଜୈବିକ ଉତ୍ପାଦର ଚାହିଦା ବଢ଼ି ବଢ଼ି ଚାଲିଛି ।